# DAV PUBLIC SCHOOLS, ODISHA ZONE
## PERIODIC TEST – II, 2023 – 24

- Check that this question paper contains **2** printed pages and **6** questions with **4** Good Reader Bonus questions.
- Write down the serial number of the question in the left side of the margin before attempting it.

**CLASS - V**
**SUBJECT- L . ODIA**

**Time: 1 Hour** **Maximum Marks: 20**

**ସାଧାରଣ ନିର୍ଦ୍ଦେଶାବଳୀ:**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ଦୁଇ ପୃଷ୍ଠା ବିଶିଷ୍ଟ ପ୍ରଶ୍ନ ପତ୍ରରେ ସମୁଦାୟ ୪ଟି ବିଭାଗ ଓ ୬ଟି ମୁଦ୍ରିତ ପ୍ରଶ୍ନ ସହିତ ଉତ୍ତମ ପାଠକ ବୋନସ୍ ପର୍ଯ୍ୟାୟରେ ୪ଟି ପ୍ରଶ୍ନ ରହିଛି ।
- ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯା□କର ।

## 'କ' ବିଭାଗ

୧. ତଳେ ଦିଆ ଯାଇଥିବା ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (୫×୧=୫)

ଗୌରବ ଓ ସୌରଭ ଦୁଇ ଭାଇ । ପୁଷ୍ପା ସେମାନଙ୍କର ସାନ ଭଉଣୀ । ରଜ ଦିନ ପୁଷ୍ପା ଜନ୍ମ ହୋଇଥିଲା । ତେଣୁ ପ୍ରତିବର୍ଷ ରଜବେଳେ ତା'ର ଜନ୍ମଦିନ ଧୁମ୍‌ଧାମ୍‌ରେ ପାଳିତ ହୁଏ । ଏ ବର୍ଷ ଦୁଇ ଭାଇ ପୁଷ୍ପାକୁ କେଉଁ ଜିନିଷ ଉପହାରରେ ଦେଲେ ସେ ଅଧିକ ଖୁସି ହେବ ବୋଲି ଚିନ୍ତା କରୁଥିଲେ । ଗୌରବ କହିଲା, ସେ ପୁଷ୍ପାକୁ ଜଗନ୍ନାଥଙ୍କ ମୂର୍ତ୍ତି ଓ ଗୋଟିଏ ଗ୍ଲୋବ୍ ଦେବ । ଗ୍ଲୋବ୍ ସାହାଯ୍ୟରେ ଭୂଗୋଳ ବିଷୟ ସହଜରେ ପଢ଼ି ହୁଏ । ସୌରଭ କହିଲା, ସେ ପୁଷ୍ପାକୁ ଦଶଟି ଗଛ ଉପହାରରେ ଦେବ । ପୂର୍ବ ବର୍ଷ ବାତ୍ୟାରେ ବହୁତ ଗଛ ଭାଙ୍ଗିଯିବାରୁ ପୁଷ୍ପା ମନ ଦୁଃଖ କରିଥିଲା । ପୁଷ୍ପା ଗଛଗୁଡ଼ିକର ଯତ୍ନ ନେବ । ଗଛ ଅଧିକ ରହିଲେ ଆମ ପରିବେଶ ସବୁଜ ଓ ସୁନ୍ଦର ହୋଇପାରିବ ।

ପ୍ରଶ୍ନ :

(କ) କିଏ କିଏ ଦୁଇ ଭାଇ ?

(ଖ) ଗୌରବ ପୁଷ୍ପାକୁ କେଉଁ କେଉଁ ଜିନିଷ ଉପହାରରେ ଦେବ ବୋଲି କହିଲା ?

(ଗ) ଆମ ପରିବେଶ କିପରି ସବୁଜ ଓ ସୁନ୍ଦର ହୋଇପାରିବ ?

(ଘ) ଗ୍ଲୋବ୍ ସାହାଯ୍ୟରେ _________ବିଷୟ ସହଜରେ ପଢ଼ି ହୁଏ ।

(ଙ) ପୁଷ୍ପାକୁ _________ ଟି ଗଛ ଉପହାରରେ ଦେବ ବୋଲି ସୌରଭ କହିଲା ।

## 'ଖ' ବିଭାଗ

୨. 'ଏକତାହିଁ ବଳ' ବିଷୟରେ ଅନୁଚ୍ଛେଦ ଲେଖ । (୧×୪=୪)

## 'ଗ' ବିଭାଗ

୩. ସଂଖ୍ୟାରେ ଲେଖ । (୨×୧=୨)

(କ) ଛତିଶ –

(ଖ) ଚଉରାଳିଶ-

୪. ସଜାଡ଼ି ଲେଖ । (୩×୧=୩)

(କ) ନରମସ୍କା

(ଖ) ମାର୍ଦ୍ଧନ

(ଗ) ସ୍ୱବଭା

## 'ଘ' ବିଭାଗ

୫. ଶୂନ୍ୟ ସ୍ଥାନ ପୂରଣ କର । (୨×୧=୨)

(କ) କଇଁଛ _________ ବଜାଉ ଥିଲା ।

(ଖ) ଗାଆଁ ମୁଣ୍ଡରେ _________ମନ୍ଦିର ଅଛି ।

୬. ସମସ୍ତ ପ୍ରଶ୍ନର ଉତ୍ତର ଲେଖ । (୨×୨=୪)

(କ) ପିମ୍ପୁଡ଼ିମାନେ ହାତୀ ସହିତ ଲଢ଼େଇ କରି କିଆରିକୁ ରକ୍ଷା କଲେ । ପିମ୍ପୁଡ଼ିମାନଙ୍କ ଏହି କାମରୁ ତୁମେ କି ଶିକ୍ଷା ଲାଭ କରିଲ ?

(ଖ) କାଠ କାରିଗର କେଉଁ ସବୁ ଜିନିଷ କାଠରେ ତିଆରି କରିଥା'ନ୍ତି ?

## ଉତ୍ତମ ପାଠକ ବୋନସ୍ (୪)

ସମସ୍ତ ପ୍ରଶ୍ନର ଉତ୍ତର ଲେଖ । (୪×୧=୪)

(୧) ମାଙ୍କଡ଼ ଗଛ ଉପରୁ ବାଘ ପାଟି ଭିତରକୁ କ'ଣ ପକାଇଲା ?

(୨) କେଉଁମାନେ ଆସି ଚାଷୀର ମକା ଖାଇ ଯାଉଥିଲେ ?

(୩) ବଡ଼ ଭଉଣୀ ପାଣି ପିଇବା ସମୟରେ ସାନ ମାଆ କ'ଣ କରିଲା ?

(୪) ଲୋକଟି କାହିଁକି ନିଜ ସାନ ଭାଇ ସହିତ ରହିଲା ?

XXXXX